# NATIONAL NEWS BULLETIN (ODIA)

## 8 February-2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆଜି ସକାଳ ୮ଟାରୁ ଆରମ୍ଭ ହେବ ଭୋଟ୍ ଗଣତି ।
- ଜାତୀୟ ସଫେଇ କର୍ମଚାରୀ ଆୟୋଗ କାର୍ଯ୍ୟକାଳ ୨୦୨୮ ମସିହା ପର୍ଯ୍ୟନ୍ତ ବୃଦ୍ଧି ।
- ତିନି ଦିନିଆ ଫ୍ରାନ୍ସ ଓ ଆମେରିକା ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ପ୍ରୟାଗରାଜ ମହାକୁମ୍ଭରେ ପବିତ୍ର ସ୍ନାନ କରିଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସଂଖ୍ୟା ୪୦ କୋଟି ଅତିକ୍ରମ କରିଥିବା ସୂଚନା ।

ଏବଂ

- ମୁମ୍ବାଇ ଓପନ ଟେନିସ୍‌ରେ ମାୟା ରାଜେସ୍ୱରନ ମହିଳା ସିଙ୍ଗଲ୍ସ ସେମିଫାଇନାଲ୍‌କୁ ଉନ୍ନିତ ।

# ଦିଲ୍ଲୀ କାଉଣ୍ଟିଂ

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆଜି ସକାଳ ୮ଟାରୁ ଭୋଟ୍ ଗଣତି ଆରମ୍ଭ ହେବ । ଏଥିପାଇଁ ଦିଲ୍ଲୀର ୧୧ଟି ଜିଲ୍ଲାରେ ୧୯ଟି ଭୋଟ ଗଣତି କେନ୍ଦ୍ର କରାଯାଇଛି ।

ଆମ ଆକାଶବାଣୀ ସମ୍ବାଦଦାତା ଜଣାଇଛନ୍ତି, ଭୋଟ୍ ଗଣତି କାର୍ଯ୍ୟକୁ ସୁରୁଖୁରୁରେ ସମ୍ପନ୍ନ କରିବା ଲାଗି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ୩୮ କମ୍ପାନୀ, କେନ୍ଦ୍ରୀୟ ସୁରକ୍ଷାବଳ ସମେତ ଦିଲ୍ଲୀ ପୁଲିସ୍ ଓ ଅନ୍ୟାନ୍ୟ ସୁରକ୍ଷାବଳକୁ ବିଭିନ୍ନ ଭୋଟ ଗଣତି କେନ୍ଦ୍ରରେ ମୁତୟନ କରାଯାଇଛି ।

ନିର୍ବାଚନ ଆୟୋଗଙ୍କ ନିୟମ ଅନୁଯାୟୀ କେନ୍ଦ୍ରୀୟ ସୁରକ୍ଷାବଳ ଭୋଟ ଗଣତି କେନ୍ଦ୍ର ଗୁଡ଼ିକରେ ସ୍ୱତନ୍ତ୍ର ସୁରକ୍ଷା ପ୍ରଦାନ କରିବେ ବୋଲି କୁହାଯାଇଛି । ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପି, ଆମ୍ ଆଦମୀ ପାର୍ଟି ଏବଂ କଂଗ୍ରେସ ସମେତ ଅନ୍ୟ କେତେକ ରାଜନୈତିକ ଦଳର ୬୯୯ ଜଣ ପ୍ରାର୍ଥୀଙ୍କର ଆଜି ଭାଗ୍ୟ ନିର୍ଦ୍ଧାରଣ ହେବ । ଦିଲ୍ଲୀରେ ସରକାର ଗଠନ ପାଇଁ ୩୬ଟି ଆସନରେ ବିଜୟ ହାସଲ କରିବା ଆବଶ୍ୟକ ହେବ ।

# କ୍ୟାବିନେଟ୍ ବ୍ରିଫିଂ

ସ୍କିଲ୍ ଇଣ୍ଡିଆ କାର୍ଯ୍ୟକ୍ରମ ପାଇଁ କେନ୍ଦ୍ର ସରକାର ୨୦୨୨-୨୩ରୁ ୨୦୨୫-୨୬ ମଧ୍ୟରେ ୮ହଜାର ୮୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି । କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଚାହିଦା ଭିତ୍ତିକ ଦକ୍ଷତା ବିକାଶ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ଏବଂ ସମନ୍ୱୟ ଓ ଗୁଣାତ୍ମକ ଅଭିବୃଦ୍ଧିକୁ ଅଗ୍ରାଧିକାର ଦିଆଯାଉଛି । ସେ କହିଛନ୍ତି, ଜାତୀୟ ସଫେଇ କର୍ମଚାରୀ ଆୟୋଗର କାର୍ଯ୍ୟକାଳ ୨୦୨୮ ମସିହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏହା ବ୍ୟତୀତ କ୍ୟାବିନେଟ୍ ବୈଠକରେ ଦକ୍ଷିଣତଟ ରେଳବାଇ ଜୋନ୍ ସମ୍ପର୍କିତ କେତେକ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଥିବା ଶ୍ରୀ ବୈଷ୍ଣବ କହିଛନ୍ତି ।

**V/O**

# ପିଏମ୍ ୱେଭ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନୋରଂଜନ, ସୃଜନଶୀଳତା ଏବଂ ସଂସ୍କୃତି ଜଗତକୁ ଗୋଟିଏ ସ୍ଥାନରେ ପ୍ରଦର୍ଶନ କରୁଥିବା ବିଶ୍ୱସ୍ତରୀୟ

ଶିଖର ସମ୍ମିଳନୀ ୱେଭ୍ସର ପରାମର୍ଶଦାତା ବୋର୍ଡର ଏକ ବୈଠକ କରିଛନ୍ତି । ଅଭିନେତା ଅମିତାଭ ବଚନ, ଦିଲ୍‌ଜିତ ଦୋସାଞ୍ଜ, ରଜନୀକାନ୍ତ, ଶାହାରୁଖ ଖାନ୍, ରଣବୀର କାପୁର, ଚିରଞ୍ଜିବି, ଅନିଲକାପୁର, ଅକ୍ଷୟ କୁମାର ଏବଂ ଅନୁପମ ଖେରଙ୍କ ସମେତ ଭାରତ ଏବଂ ବିଶ୍ୱର ଶୀର୍ଷ ପେଷାଦାର କଳାକାରମାନଙ୍କ ସହ ଆଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ ଏହି ଅବସରରେ ସଂଗୀତ ନିର୍ଦ୍ଦେଶକ ଏ.ଆର୍. ରେହେମାନ, ରିଲାନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ, ମାକ୍ରୋସଫ୍ଟର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସତ୍ୟ ନାଡେଲା ଏବଂ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରାଙ୍କ ସହ ଆଲୋଚନା କରିଛନ୍ତି ।

ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ୱେଭ୍ସ ପରାମର୍ଶଦାତା ବୋର୍ଡର ସଦସ୍ୟମାନେ ସମାଜର ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତି ଓ ସେମାନେ ଭାରତକୁ କିଭଳି ଏକ ବିଶ୍ୱ ମନୋରଂଜନ କେନ୍ଦ୍ରରେ ପରିଣତ କରାଯାଇପାରିବ ସେ ସମ୍ପର୍କରେ ମୂଲ୍ୟବାନ ମତାମତ ଦେଇଛନ୍ତି ।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ସୋମବାର ଠାରୁ ତିନି ଦିନିଆ ଫ୍ରାନ୍ସ ଗସ୍ତରେ ଯିବେ । ଏହି ଗସ୍ତ କାଳରେ ପ୍ୟାରିସ୍ ଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍‌ଙ୍କ ସହ କୃତ୍ରିମ ବୁଦ୍ଧିମତା ସମ୍ମିଳନୀରେ ସହ-ଅଧ୍ୟକ୍ଷତା କରିବେ । ନୂଆଦିଲ୍ଲୀରେ ବୈଦେଶିକ ସଚିବ ବିକ୍ରମ ମିଶ୍ରି ଏ ନେଇ ସୂଚନା ପ୍ରଦାନ କରିଛନ୍ତି । ଶ୍ରୀ ମିଶ୍ରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ମାସ ୧୨ ଏବଂ ୧୩ ତାରିଖରେ ମଧ୍ୟ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହିତ ଦ୍ୱିପାକ୍ଷିକ ବୈଠକରେ ଯୋଗଦେବେ ।

ଏହି ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ମଧ୍ୟରେ ଆମେରିକା ପ୍ରଶାସନର ଅ-ପ୍ରବାସନ ଓ ଶୁଳ୍କ ବୃଦ୍ଧି ନୀତି ସମ୍ପର୍କରେ ଆଲୋଚନା ହେବାର ସମ୍ଭାବନା ରହିଛି । ଆମେରିକା ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ମୋଦୀ ଦ୍ୱିତୀୟ ନେତା ଭାବେ ଶ୍ରୀ ଟ୍ରମ୍ପ୍‌ଙ୍କୁ ସାକ୍ଷାତ କରିବେ ।

## ମହାକୁମ୍ଭ-ହୋଲିଡିପ୍

ପ୍ରୟାଗରାଜ ମହାକୁମ୍ଭରେ ଗତକାଲି ସୁଦ୍ଧା ପବିତ୍ର ସ୍ନାନ କରିଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସଂଖ୍ୟା ୪୦ କୋଟି ଅତିକ୍ରମ କରିଥିବା ସୂଚନା ମିଳିଛି । ମହାକୁମ୍ଭ ଆଉ ୧୯ ଦିନ ବାକିଥିବା ବେଳେ ଏହା ୫୦ କୋଟି ଟପିପାରେ ବୋଲି ଅନୁମାନ କରାଯାଉଛି । ପବିତ୍ର ତ୍ରିବେଣୀରେ ସ୍ନାନ କରିବା ପାଇଁ ଭାରତ ସମେତ ବିଶ୍ୱର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟାରେ ଲୋକମାନେ ଆସୁଛନ୍ତି । ମୌନି ଅମାବାସ୍ୟାରେ ସର୍ବାଧିକ ୮ କୋଟିରୁ ଅଧିକ ଶ୍ରଦ୍ଧାଳୁ ସ୍ନାନ କରିଥିବା ବେଳେ ମକର ସଂକ୍ରାନ୍ତୀରେ ୩ କୋଟି ୫୦ ହଜାର ଶ୍ରଦ୍ଧାଳୁ ସ୍ନାନ କରିଥିଲେ । ଜାନୁଆରୀ ୩୦ ଓ ଫେବୃୟାରୀ ପହିଲାରେ ୨ କୋଟିରୁ ଅଧିକ ଲୋକ ମହାକୁମ୍ଭ ଦର୍ଶନ କରିଥିବା ବେଳେ ପୌଷ ପୂର୍ଣ୍ଣିମାରେ ୧ କୋଟି ୭୦ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ପବିତ୍ର ସ୍ନାନ କରିଥିଲେ ।

## ମହାକୁମ୍ଭ-ରୁରାଲ ଡେଭଲପ୍‌ମେଣ୍ଟ

କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଚଳିତ ମହାକୁମ୍ଭ ମେଳାରେ ଏକ ମଣ୍ଡପ ସ୍ଥାପନ କରାଯାଇଛି । ଏହି ମଣ୍ଡପରେ

ସରକାରୀ ଯୋଜନା ଏବଂ ଆଦର୍ଶ ଗ୍ରାମ୍ୟ ମଡେଲ୍ ପ୍ରଦର୍ଶିତ ହେଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

ମନ୍ତ୍ରଣାଳୟ ଦ୍ୱାରା ଆଦର୍ଶ ଗ୍ରାମ ମଣ୍ଡପରେ ପଞ୍ଚାୟତ ଘର, ଅଙ୍ଗନବାଡ଼ି, ସ୍ଥାୟୀ ଆବାସ ଏବଂ ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଆଇନ୍ ଅଧୀନରେ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଛି । ମଣ୍ଡପ ଦାୟିତ୍ୱରେ ଥିବା ରିୟା ସିଂହ ଆକାଶବାଣୀ ସମ୍ବାଦକୁ କହିଛନ୍ତି, ଗ୍ରାମାଞ୍ଚଳରେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନା ଏହି ପ୍ରଦର୍ଶନୀରେ ସ୍ଥାନିତ ହୋଇଛି ।

ଅନ୍ୟ ପକ୍ଷରେ ମଣ୍ଡପରେ ଗାଁର ବାସ୍ତବ ସଂସ୍କୃତିକୁ ପ୍ରଭାବଶାଳୀ ଢଙ୍ଗରେ ପ୍ରଦର୍ଶନ କରାଯାଉଛି । ଶିକ୍ଷା, ଦକ୍ଷତା ପ୍ରଶିକ୍ଷଣ ଏବଂ ଭିତ୍ତିଭୂମି ଠାରୁ ଆରମ୍ଭ କରି ନିଯୁକ୍ତି ସୃଷ୍ଟି, ଗୃହ ନିର୍ମାଣ ଏବଂ ଅର୍ଥନୈତିକ ଓ ସାମାଜିକ ବିକାଶ ସମ୍ପର୍କରେ ଏହି ଆଦର୍ଶ ମଣ୍ଡପରେ ତଥ୍ୟ ଭିତ୍ତିକ ଉପସ୍ଥାପନା କରାଯାଉଛି ।

# ମହାକୁମ୍ଭ

ଆକାଶବାଣୀର ମହାନିର୍ଦ୍ଦେଶକ ଡକ୍ଟର ପ୍ରଜ୍ଞା ପାଲିଓ୍ୱାଲ୍ ଗୌର ଗତକାଲି ପ୍ରୟାଗରାଜ ମହାକୁମ୍ଭ ନଗରର ସେକ୍ଟର-୪ରେ ଥିବା ଆକାଶବାଣୀର କ୍ୟାମ୍ପ୍ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି । ଏହି ଗସ୍ତ ସମୟରେ ସେ ଆକାଶବାଣୀର ଅଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ମହାକୁମ୍ଭ ୨୦୨୫ର ବିସ୍ତୃତ କଭରେଜ୍ ଓ ବିଭିନ୍ନ ଆନୁଷଙ୍ଗୀକ ବିଷୟରେ  ସମୀକ୍ଷା କରାଯାଇଥିବା ସୂଚନା ମିଳିଛି । ଆକାଶବାଣୀ ଗତ ମାସ ୧୦ ତାରିଖରେ କୁମ୍ଭବାଣୀର ଶୁଭାରମ୍ଭ କରିଥିଲା । ଏହି ଅବସରରେ ଡକ୍ଟର ପାଲିଓ୍ୱାଲ କହିଛନ୍ତି, କୁମ୍ଭବାଣୀ ଚ୍ୟାନେଲ୍ ମହାକୁମ୍ଭ ମେଳା ସମ୍ବନ୍ଧୀୟ ବିଭିନ୍ନ ଖବର ପ୍ରଦାନ କରିବାର ଦୃଢ଼ ମାଧ୍ୟମ ପାଲଟିଛି । ସେ କହିଛନ୍ତି, ଅମୃତ ସ୍ନାନ ସମୟରେ କୁମ୍ଭବାଣୀରୁ ସ୍ୱତନ୍ତ୍ର ଧାରାବିବରଣୀ ମଧ୍ୟ ପ୍ରସାରଣ କରାଯାଉଛି ।

# ବାଂଲାଦେଶୀ ଇମିଗ୍ରାଣ୍ଟ ଆରେଷ୍ଟେଡ୍

ମୁମ୍ବାଇରେ ବିନା ବୈଧ କାଗଜପତ୍ରରେ ରହୁଥିବା ଅଭିଯୋଗରେ ୪ ଜଣ ମହିଳାଙ୍କ ସମେତ ୭ ଜଣ ବାଂଲାଦେଶୀ ନାଗରୀକଙ୍କୁ ଗିରଫ୍ କରାଯାଇଛି । ଜଣେ ପୁଲିସ୍ ଅଧିକାରୀ କହିଛନ୍ତି, ସେମାନେ ଚେମ୍ବୁର୍‌ର

ମହୁଲରେ ପାଖାପାଖି ୫ ବର୍ଷ ହେବ ରହି ଆସୁଥିଲେ । ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି, ସେମାନେ ବାଂଲାଦେଶର ନାଗରୀକ ଏବଂ ୨୦୨୦ ମସିହା ମାର୍ଚ୍ଚ ମାସ ଠାରୁ ବିନା ବୈଧ କାଗଜପତ୍ରରେ ସେଠାରେ ରହୁଥିଲେ ।

ସୂଚନା ଅନୁଯାୟୀ ସେମାନଙ୍କ ବିରୋଧରେ ଆଇନ୍ ଅନୁଯାୟୀ ମାମଲା ରୁଜୁ କରାଯାଇଛି ଏବଂ ମାମଲାର ତଦନ୍ତ ଜାରି ରହିଛି ।

## ହୁ-କଙ୍ଗୋ

କଙ୍ଗୋ ଡି.ଆର୍.ସି.ରେ ହଇଜା, ମେଲେରିଆ, ଯକ୍ଷ୍ମା ଏବଂ ମଙ୍କିପକ୍ସ ଭଳି ରୋଗ ବ୍ୟାପିବା ଆଶଙ୍କା ଦେଖାଦେଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଚେତାବନୀ ଜାରି କରିଛି । ଡି.ଆର୍.ସି.ର ପ୍ରତିନିଧି କହିଛନ୍ତି, ରୁଆଣ୍ଡା ସମର୍ଥିତ ବିଦ୍ରୋହୀ ଏବଂ କଙ୍ଗୋ ସଶସ୍ତ୍ର ବାହିନୀ ମଧ୍ୟରେ ସଂଘର୍ଷ ଯୋଗୁଁ ଏହି ପରିସ୍ଥିତି ଭୟଙ୍କର ସ୍ଥିତି ଆଡ଼କୁ ଗତି କରୁଛି । ସଂଗଠନ କହିଛି, ଉତ୍ତର କିଭୁ ପ୍ରଦେଶରେ ଗତ ମାସରେ ୬୦୦ ଜଣ ହଇଜା ରୋଗୀ ଏବଂ ଅନ୍ୟ ୧୪ ଜଣଙ୍କ ମୃତ୍ୟୁ ଘଟିଛି । ସେଠାରେ ଜଳ ଯୋଗାଣରେ ପ୍ରତିବନ୍ଧକ ସୃଷ୍ଟି ହେବାରୁ ଏହି ରୋଗ ବ୍ୟାପିବା ଆଶଙ୍କା ଆହୁରି ବୃଦ୍ଧି ପାଇଛି ।

ଅନ୍ୟ ପକ୍ଷରେ ମଙ୍କିପକ୍ସ ଟିକାକରଣ ମଧ୍ୟ ପ୍ରଭାବିତ ହୋଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ସେଠାରେ ଘଟିଥିବା ସଦ୍ୟତମ ସଂଘର୍ଷରେ ୮୪୩ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୩ହଜାର ୮୨ ଜଣ ଆହତ ହୋଇଛନ୍ତି । ଇତିମଧ୍ୟରେ ରୁଆଣ୍ଡା ସମର୍ଥିତ ଏମ୍-୨୩ ବିଦ୍ରୋହୀ ଡି.ଆର୍.ସି.ର ଖଣିଜ ସମୃଦ୍ଧ ଅଞ୍ଚଳ ଗୋମାକୁ ଦଖଲ କରିଛି ।

## ଶ୍ରୀଲଙ୍କା-ବିମ୍‌ଷ୍ଟେକ୍

କଲମ୍ବୋରେ ଡିଜିଟାଲ୍ ଭିତ୍ତିଭୂମି ନିର୍ମାଣ ଶୀର୍ଷକ ଦୁଇ ଦିନିଆ ବିମ୍‌ଷ୍ଟେକ୍ ଡିଜିଟାଲ୍ ସମ୍ମିଳନୀ ଆରମ୍ଭ ହୋଇଛି । ଶ୍ରୀଲଙ୍କାରେ ଅବସ୍ଥାପିତ ଭାରତର ଉଚ୍ଚାୟୁକ୍ତ ସନ୍ତୋଷ ଝା, ବିମ୍‌ଷ୍ଟେକ୍‌ର ମହାସଚିବ ଇନ୍ଦ୍ରମଣୀ ପାଣ୍ଡେ, ଶ୍ରୀଲଙ୍କା ସରକାରଙ୍କ ଉପମନ୍ତ୍ରୀ ଏରଙ୍ଗା ବୀରରତ୍ନେ ଏବଂ ଚତୁରଙ୍ଗା ଆବେସିଂହଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି ।

ଏହି ସମ୍ମିଳନୀରେ ଦଳଗତ ଆଲୋଚନାରେ ଡିଜିଟାଲ ଅର୍ଥନୀତି କ୍ଷେତ୍ରର ପ୍ରମୁଖ ବ୍ୟକ୍ତିତ୍ୱ ଏବଂ ବିଶେଷଜ୍ଞମାନେ ଭାଗ ନେଇଥିଲେ । ଶ୍ରୀ ଝା ନିଜ ଅଭିଭାଷଣରେ କହିଥିଲେ, ଗତ ଏକ ଦଶନ୍ଧି ମଧ୍ୟରେ ଡିଜିଟାଲ୍ ଭିତ୍ତିଭୂମି ସାଧାରଣ ଲୋକଙ୍କୁ ଅନେକ ସୁବିଧା ପ୍ରଦାନ କରିଛି । ଏହି

ଅବସରରେ ଶ୍ରୀଲଙ୍କାର ଶିଳ୍ପ ଓ ଉଦ୍ୟୋଗ ବିକାଶ ଉପମନ୍ତ୍ରୀ' ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ବିଷୟଗତ ଜ୍ଞାନ ଏବଂ ଜ୍ଞାନକୌଶଳ ସହଯୋଗ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଅନ୍ୟ ପକ୍ଷରେ ଶ୍ରୀଲଙ୍କାର ଡିଜିଟାଲ ଅର୍ଥନୀତି ବିଭାଗ ମନ୍ତ୍ରୀ ଏରଙ୍ଗା ବୀରରତ୍ନେ ଡିଜିଟାଲ ପେମେଣ୍ଟ ପ୍ଲାଟ୍‌ଫର୍ମ ସମ୍ପର୍କରେ ନିଜ ମତ ଉପସ୍ଥାପନ କରିଥିଲେ ।

ଆଜି ଏହି ସମ୍ମିଳନୀର ଦ୍ୱିତୀୟ ଦିନରେ ଡିଜିଟାଲ ପେମେଣ୍ଟ, ଡିଜିଟାଲ୍ ହେଲ୍‌ଥ ଏବଂ ସାମାଜିକ ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ପାଇଁ ଡିଜିଟାଲ ପରିଚୟ ଉପରେ ଆଲୋଚନା ହେବ ।

# ଟେନିସ୍ ମୁମ୍ବାଇ ଓପନ୍

ମୁମ୍ବାଇ ଓପନ୍ ଟେନିସ୍‌ରେ ମାୟା ରାଜେସ୍ୱରନ ମହିଳା ସିଙ୍ଗଲ୍ସ ସେମିଫାଇନାଲ୍‌କୁ ଉନ୍ନିତ ହୋଇଛନ୍ତି । କ୍ୱାର୍ଟର ଫାଇନାଲ୍‌ରେ ୧୫ ବର୍ଷୀୟ ମାୟା ଜାପାନର ମେଇ ୟାମାଗୁଚିଙ୍କୁ ୬-୪, ୩-୬, ୬-୨ରେ ପରାସ୍ତ କରିଥିଲେ । ସିଙ୍ଗଲ୍ସରେ ସେ ଏକ ମାତ୍ର ଭାରତୀୟ ଭାବେ ଆଜି ସେମିଫାଇନାଲ୍‌ରେ ସ୍ୱିଜରଲ୍ୟାଣ୍ଡର ଜିଲ୍ ଟିଚମାନଙ୍କ ସହ ମୁକାବିଲା କରିବେ ।

ମହିଳା ଡବଲ୍ସରେ ପ୍ରାର୍ଥନା ଥୋମ୍ବାରେ ଓ ଆରିୟାନେ ଆର୍ଟୋନୋ ସେମିଫାଇନାଲ୍‌ରେ ଏଡେନ୍ ସିଲଭା ଏବଂ ଆନାସ୍ତାସିଆ ଟିଖୋନୋଭାଙ୍କୁ ୨-୬, ୬-୪, ୧୦-୨ରେ ପରାସ୍ତ କରି ଦ୍ୱିତୀୟଥର ପାଇଁ ଟାଇଟଲ ମୁକାବିଲାରେ ପ୍ରବେଶ କରିଛନ୍ତି ।